# ସବୁଜ ଗିରି
# SABUJA GIRI

KRISHI VIGYAN KENDRA, GAJAPATI
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Indian Council of Agricultural Research, New Delhi
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ

ଊନବିଂଶ ବର୍ଷ | ସଂଖ୍ୟା - ୪ | ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ: ୨୦୨୪୦୩୦୨୨୨ | ଜାନୁୟାରୀ - ମାର୍ଚ୍ଚ ୨୦୨୪


## ଏହି ସଂକଳନରେ.........


- ମକା ଫସଲରେ ଫଲ୍ ଆର୍ମି ୱର୍ମ ନିୟନ୍ତ୍ରଣର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ।
- ଡାଲି ଜାତୀୟ ଫସଲରେ କ୍ଲଷ୍ଟରରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ।
- ପିଆଜ ଚାଷରେ ଅଣୁସାର ପ୍ରୟୋଗର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ।
- ସୂର୍ଯ୍ୟମୁଖୀ ଫସଲରେ କ୍ଲଷ୍ଟରରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ।
- ଆମ୍ବ ଗଛରେ ଉଦ୍ଭିଦ ବୃଦ୍ଧି ନିୟନ୍ତ୍ରକ ପଦାର୍ଥ ପ୍ରୟୋଗର କ୍ଷେତ୍ର ପରୀକ୍ଷଣ ।
- ରାଶି ଫସଲରେ କ୍ଲଷ୍ଟରରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ।
- ଅନୁସୂଚିତ ଜନଜାତି ଉପାଦାନ ଯୋଜନା ।


## କୃଷି ବିଜ୍ଞାନ କେନ୍ଦ୍ର ଗଜପତିର ସଫଳ ଚାଷୀ




ନୂଆଗଡ଼ ବ୍ଲକ୍ ଅନ୍ତର୍ଗତ ଘୋଡ଼ାକଣ ଗ୍ରାମର ଜୟନ୍ତ ରାଇକା ନିଜର ଦୁଇ ଏକର ଜମିରୁ ମକା, ପନିପରିବା ଚାଷ ସହିତ ପୁରୁଣା ଆମ୍ବ, କାଜୁ ବଗିଚାରୁ ଫଳ ବିକ୍ରି କରି ବାର୍ଷିକ ମାତ୍ର ଟ.୫୬୦୦୦ ରୋଜଗାର କରୁଥିଲେ । ସେଥିରୁ ପରିବାର ପୋଷଣ ଅତି କଷ୍ଟ ହେଉଥିବା ଯୋଗୁଁ ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବା ନିମନ୍ତେ ଚାଲି ଯାଇଥିଲେ ।

କୃଷି କ୍ଷେତ୍ରରେ ସ୍ୱଳ୍ପ ଖର୍ଚ୍ଚରେ ରୋଜଗାର ଯୋଗାଇବା ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ଗଜପତି ତରଫରୁ ଘୋଡ଼ାକଣ ଗ୍ରାମରେ ବୈଜ୍ଞାନିକ ପ୍ରଣାଳୀରେ ଚାଷ ସହିତ ଉନ୍ନତ କୃଷି କୌଶଳ ତଥା ମହୁଚାଷ, ଛତୁଚାଷ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା । ଏଥି ସହିତ ମହୁବାକ୍ସ, ରୋଗପୋକ ନିୟନ୍ତ୍ରଣ ଔଷଧ ଯୋଗାଇ ଦିଆଯାଇ ସମନ୍ୱିତ କୃଷିକୁ ଆପଣେଇବା ନିମନ୍ତେ କୁହାଯାଇଥିଲା । କୃଷି ଋଣ ପାଇବା ପାଇଁ ନିକଟସ୍ଥ କୃଷି ଅଧିକାରୀ ଓ ବ୍ୟାଙ୍କ ସହିତ ଯୋଗାଯୋଗ କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା ।

ଏହାପରେ ଜୟନ୍ତ ରାଇକା ନିଜର ଚାଷ ପରିମାଣକୁ ବୃଦ୍ଧି କରିଥିଲେ । ମଧୁର ମକା ଓ ପନିପରିବା ଚାଷ କରିବା ସହିତ ଫଳ ବଗିଚା ଭିତରେ ମହୁବାକ୍ସ ରଖି ମହୁଚାଷ ସହିତ ଛତୁଚାଷ ମଧ୍ୟ କରିଥିଲେ । ଏହି ସମସ୍ତ ଚାଷରୁ ବାର୍ଷିକ ପ୍ରାୟ ଟ.୧,୮୨,୯୨୫ଙ୍କା ଲାଭ ପାଇଥିଲେ । ବର୍ତ୍ତମାନ ସେ ନିଜ ଗ୍ରାମ ତଥା ଅନ୍ୟାନ୍ୟ ଗ୍ରାମର ଚାଷୀଙ୍କ ନିମନ୍ତେ ଆଦର୍ଶ ପାଲଟିଛନ୍ତି ଏବଂ ଅନ୍ୟ ଚାଷୀଭାଇ ମାନେ ଏହି ପ୍ରକାର କୃଷି କାର୍ଯ୍ୟ ଆପଣେଇବା ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି ।







କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

## ମକା ଫସଲରେ ଫଲ୍ ଆର୍ମି ୱ୍ୱର୍ମ ନିୟନ୍ତ୍ରଣର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ



ଆଦିବାସୀ ବହୁଳ ଗଜପତି ଜିଲ୍ଲାରେ ଖରିଫ୍ ଋତୁରେ ପ୍ରାୟ ୭୭୮୦ ହେକ୍ଟର ଜମିରେ ମକା ଚାଷ କରାଯାଇଥାଏ । କିନ୍ତୁ ମକା ଫସଲରେ ମଞ୍ଜି ଗଜା ହେବାର ୧୦-୧୨ ଦିନ ଠାରୁ ଅମଳ ପର୍ଯ୍ୟନ୍ତ ଫଲ୍ ଆର୍ମି ୱ୍ୱର୍ମ କୀଟର ଶୂକ ପତ୍ର ଏବଂ ମକା ମଞ୍ଜି ଖାଇ ନଷ୍ଟ କରିଦେବା ଯୋଗୁଁ ଚାଷୀଭାଇ ଅମଳ କମ୍ ପାଆନ୍ତି ଏବଂ ମକାର ଉଚିତ ମୂଲ୍ୟ ପାଇପାରନ୍ତି ନାହିଁ । ତେଣୁ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଏହି ପୋକର ନିୟନ୍ତ୍ରଣ ପାଇଁ ଆଗୁଆଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଯେଉଁଥିରେ ଜଙ୍ଗଜଙ୍ଗ୍ ଏବଂ ଡିମିରିଝୋଲି ଗ୍ରାମରେ ଏକର ପ୍ରତି ୧ ଲିଟରେ ନିମ୍ବଜାତ କୀଟନାଶକ (୧୫୦୦ ପି.ପି.ଏମ୍. ବା ୫ ମି.ଲି. ପ୍ରତି ଲିଟର) ସିଞ୍ଚନ କରିବା ସହିତ ଏକର ପ୍ରତି ୨୦୦୦୦ ଟ୍ରାଇକୋଗ୍ରାମା ଚିଲୋନିସ୍ ନାମକ ଅଣ୍ଡାନାଶୀ ପରାଶ୍ରୟୀ ପୋକ ଛଡ଼ା ଯାଇଥିଲା । ଏହି କୀଟ କ୍ଷେତର ୧୦% ରୁ ଅଧିକ ଗଛକୁ ଆକ୍ରମଣ କରିଲେ ଏକର ପ୍ରତି ୮୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍ଜଏଟ୍ ୫% ଏସ୍.ଜି. ୨୦୦ ଲିଟର (୦.୪ ଗ୍ରାମ୍ ପ୍ରତି ଲିଟର) ପାଣିରେ ମିଶାଇ ସିଞ୍ଚନ କରିବା ନିମନ୍ତେ ଉପଦେଶ ଦିଆଯାଇଥିଲା । ଏହି ଔଷଧ ସିଞ୍ଚନ କରିବା ଦ୍ୱାରା ଫଲ୍ ଆର୍ମି ୱ୍ୱର୍ମ କୀଟ ନିୟନ୍ତ୍ରଣ ହେବା ସହିତ ମକା ଅମଳ ବୃଦ୍ଧି ହୋଇଥିଲା ଏବଂ ଚାଷୀଭାଇ ତା' କ୍ଷେତରୁ ହେକ୍ଟର ପ୍ରତି ହାରାହାରି ୪୬ କୁଇଣ୍ଟାଲ ଅମଳ ପାଇ ପାରିଥିଲା ।

## ଡାଲି ଜାତୀୟ ଫସଲରେ କ୍ଲଷ୍ଟରରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ଚଳିତ ବର୍ଷ ଖରିଫ୍ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ମଧୁର ଆମ୍ବ, କେନ୍ଦୁପଦା ଏବଂ ଅଁଳାଗୁଡ଼ା ଗ୍ରାମରେ ୩୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏଥିରେ ୭୫ ଜଣ ଚାଷୀଙ୍କୁ ହରଡ଼ର ଉନ୍ନତ କିସମ ଏଲ୍.ଆର.ଜି-୫୨ ବିହନ ଏବଂ ବିହନ ଉପଚାର ନିମନ୍ତେ ତରଳ ରାଇଜୋବିୟମ୍ ଜୀବାଣୁ ସାର



ଯୋଗାଇ ଦିଆଯାଇଥିଲା । ଏହା ସହିତ ବୈଜ୍ଞାନିକ ପଦ୍ଧତିରେ ହରଡ଼ ଚାଷ କରିବା ନିମନ୍ତେ ତାଲିମ୍ ଦିଆଯାଇଥିଲା । ଏଥିରେ ଝାଉଁଳା ରୋଗ, ପାଉଁଶିଆ ରୋଗ, ଜଉପୋକ, ଫଳବିନ୍ଧା ପୋକ ନିୟନ୍ତ୍ରଣ, ଫସଲରେ ଘାସ ଦମନ ତଥା ଅମଳ ବୃଦ୍ଧି ନିମନ୍ତେ ସାର ପରିଚାଳନା ସହିତ ଅଣୁସାର ପ୍ରୟୋଗ ବିଷୟରେ ବୁଝାଯାଇଥିଲା । କ୍ଷେତ୍ର ଦିବସ ମାଧ୍ୟମରେ ଏହାର ଅମଳ ଏବଂ ଅମଳ ପରବର୍ତ୍ତୀ ଯତ୍ନ ବିଷୟରେ ନିକଟସ୍ଥ ଅନ୍ୟାନ୍ୟ ଗ୍ରାମର ଚାଷୀମାନଙ୍କ ବୁଝାଯାଇଥିଲା । ଏହି ହରଡ଼ କିସମ ଏଲ୍.ଆର.ଜି-୫୨ ଚାଷ କରିବା ଦ୍ୱାରା ଚାଷୀମାନେ ହେକ୍ଟର ପ୍ରତି ପ୍ରାୟ ୧୧.୦୬ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ପାଇପାରିଥିଲେ ।

## ପିଆଜ ଚାଷରେ ଅଣୁସାର ପ୍ରୟୋଗର ଆଗୁଅ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ଗଜପତି ଏକ ଆଦିବାସୀ ବହୁଳ ଜିଲ୍ଲା ଭାବେ ପରିଚିତ । ଏଠାରେ ଖରିଫ୍ ଋତୁରେ ମକା ଏବଂ ଧାନ ଚାଷ ହୋଇଥାଏ । ରବି ଋତୁରେ ପାଣିର ଅଭାବ ଯୋଗୁଁ ଚାଷକାମ ବହୁତ କମି ଯାଇଥାଏ କିନ୍ତୁ ଯେଉଁଠାରେ କିଛି ପାଣିର ସୁବିଧା ଥାଏ ସେଠାରେ ଚାଷୀଭାଇ ମାନେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରିଥାନ୍ତି । ସେଥିମଧ୍ୟରୁ ପିଆଜ ଚାଷ ଅନ୍ୟତମ । କିନ୍ତୁ ଚାଷୀଭାଇ ମାନଙ୍କ ମଧ୍ୟରେ ପିଆଜ ଚାଷରେ ସାର ପରିଚାଳନା ସମ୍ବନ୍ଧରେ ସଚେତନତା ଅଭାବରୁ ଚାଷୀମାନେ ଆଶାନୁରୂପ ଅମଳ ପାଇପାରି ନଥାନ୍ତି । ତେଣୁ ଚଳିତ ୨୦୨୩-୨୪ ବର୍ଷରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପିଆଜରେ ଅଣୁସାର ପ୍ରୟୋଗର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ରା. ଉଦୟଗିରି ବ୍ଲକର ତଇ, ଦିହୁଡ଼ିସାହି ଗ୍ରାମରେ କରାଯାଇଥିଲା । ଏହା ସହିତ ବୈଜ୍ଞାନିକ ପ୍ରଣାଳୀରେ ପିଆଜ ଚାଷ ସମ୍ବନ୍ଧରେ ତାଲିମ୍ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚାଷୀଭାଇ ମାନଙ୍କୁ ଜିଙ୍କ ସଲ୍‌ଫେଟ ଅଣୁସାର ଯୋଗାଇ ଦେଇ ଏକର ପ୍ରତି ୧ କେଜି ହିସାବରେ ଚାରା ରୋପଣର ୪୫ ଦିନ ଏବଂ ୬୦ ଦିନ ପରେ ପ୍ରୟୋଗ କରିବା ନିମନ୍ତେ ଉପଦେଶ ଦିଆଯାଇଥିଲା । ତେବେ ଏହି ପ୍ରଦର୍ଶନଟି ଏବେ ମଧ୍ୟ ଚାଲୁ ରହିଛି । ଚାଷୀଭାଇମାନେ ଅମଳ ପାଇଲା ପରେ ଏହାର ସଫଳତା ଜଣାପଡ଼ିବ ।



## ସୂର୍ଯ୍ୟମୁଖୀ ଫସଲରେ କ୍ଲଷ୍ଟରରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ




ଚଳିତ ବର୍ଷ ରବି ଋତୁରେ ୫୦ ଜଣ ଚାଷୀମାନଙ୍କୁ ଏକତ୍ର ଗୋଟିଏ ଜାଗାରେ ସୂର୍ଯ୍ୟମୁଖୀ ଚାଷ କରିବା ପାଇଁ ବୃହତ୍ କ୍ଷେତ୍ର ପ୍ରଦର୍ଶନୀ ଆରମ୍ଭ କରାଯାଇଛି । ସୂର୍ଯ୍ୟମୁଖୀ କିସମ କେ.ବି.ଏସ୍.ଏଚ୍.-୫୩ ର ବିହନ ଏବଂ ରୋଗପୋକ ଔଷଧ, ଅଣୁସାର ବୋରନ୍ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାଷୀଭାଇ ମାନଙ୍କୁ ଯୋଗାଇ ଦିଆଯାଇଥିଲା । ରା. ଉଦୟଗିରି ବ୍ଲକ୍‌ର ପାଇକରା, ତଇ, ଟୁଙ୍ଗୁରୁ ଏବଂ ନୂଆଗଡ଼ ବ୍ଲକ୍‌ର ତରଭଙ୍ଗା, ତାବରଡ଼ା ଗ୍ରାମରେ ୨୦ ହେକ୍ଟର ଜାଗାରେ ୫୦ ଜଣ ଚାଷୀ ଏହି ସୂର୍ଯ୍ୟମୁଖୀ ଚାଷ କରିଥିଲେ । ଏହି ଚାଷୀମାନଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ସୂର୍ଯ୍ୟମୁଖୀ ଚାଷ ସମ୍ବନ୍ଧରେ ତାଲିମ୍ ଦିଆଯାଇଥିଲା । କ୍ଷେତ୍ର ଦିବସ ମାଧ୍ୟମରେ ଏହାର ବୈଷୟିକ ଜ୍ଞାନକୌଶଳ ନିକଟସ୍ଥ ଅନ୍ୟାନ୍ୟ ଗ୍ରାମର ଚାଷୀମାନଙ୍କୁ ବୁଝାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନୀଟି କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ରବିଜ୍ଞାନୀ ବୈଜ୍ଞାନିକ ଡଃ ସଂଜୀବ କୁମାର ମାଣ୍ଡିଙ୍କ ତତ୍ତ୍ୱାବଧାନରେ ଏବେ ମଧ୍ୟ ଚାଷୀଙ୍କ କ୍ଷେତରେ ଚାଲୁ ରହିଛି । ଚାଷୀମାନେ ଅମଳ ପାଇବା ପରେ ଏହି ସୂର୍ଯ୍ୟମୁଖୀ କିସମର ଅମଳ କ୍ଷମତା ବିଷୟରେ ଜଣାଯାଇପାରିବ ।

## ଆମ୍ବ ଗଛରେ ଉଦ୍ଭିଦ ବୃଦ୍ଧି ନିୟନ୍ତ୍ରକ ପଦାର୍ଥ ପ୍ରୟୋଗର କ୍ଷେତ୍ର ପରୀକ୍ଷଣ



ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ବହୁଳ ଗଜପତି ଜିଲ୍ଲାରେ ପ୍ରାୟ ୭୪୫୦ ହେକ୍ଟର ଜମିରେ ଆମ୍ବଚାଷ କରାଯାଇଥାଏ । କିନ୍ତୁ ଚାଷୀଭାଇ ମାନଙ୍କ ମଧ୍ୟରେ ଆମ୍ବ ଫସଲର ପରିଚାଳନା ସମ୍ବନ୍ଧରେ ସଚେତନତା ଅଭାବରୁ ଆମ୍ବ ଗଛରେ ଫୁଲ ଆସୁଥିବା ସମୟରେ ଫୁଲ ଝଡ଼ିବା ଯୋଗୁଁ ଅନେକ କ୍ଷତି ସହିବାକୁ ପଡ଼ିଥାଏ । ତେଣୁ ଚାଷୀଭାଇ ମାନେ ଅମଳ କମ୍ ପାଆନ୍ତି ଏବଂ ଆମ୍ବ ଚାଷରୁ ଉଚିତ ମୂଲ୍ୟ ପାଇପାରନ୍ତି ନାହିଁ । ତେଣୁ ଚଳିତ ୨୦୨୩-୨୪ ବର୍ଷରେ କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ଆମ୍ବ ଗଛରେ ଦୁଇଗୋଟି ବୃଦ୍ଧି ନିୟନ୍ତ୍ରକ ପଦାର୍ଥ ଯଥା- ପ୍ଲାନୋଫିକ୍ସ ଏବଂ ଟ୍ରାଇକୋଣ୍ଟାନଲ୍ ପ୍ରୟୋଗର ଚାଷୀ କ୍ଷେତ୍ରରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହା ସହିତ ରା. ଉଦୟଗିରି ତଥା ନୂଆଗଡ଼ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ବୈଜ୍ଞାନିକ ପ୍ରଣାଳୀରେ ଆମ୍ବଚାଷ ସମ୍ବନ୍ଧରେ ତାଲିମ୍ ଦିଆଯାଇ ପ୍ଲାନୋଫିକ୍ସ (୨.୫ ମି.ଲି. ପ୍ରତି ଲିଟର ପାଣି) ଏବଂ ଟ୍ରାଇକୋଣ୍ଟାନଲ୍ (୨ ମି.ଲି. ପ୍ରତି ଲିଟର ପାଣି) ଆମ୍ବ ବଉଳ ଆସିବା ପୂର୍ବରୁ ଏବଂ ଚଣା ଅବସ୍ଥାରେ ସିଞ୍ଚନ କରିବା ସହିତ ଗଛରେ ଆବଶ୍ୟକ ପରିମାଣର ଖାଦ୍ୟସାର ଏବଂ ଜଳ ପରିଚାଳନା କରିବା ନିମନ୍ତେ ଉପଦେଶ ଦିଆଯାଇଥିଲା । ତେବେ ଏହି ପରୀକ୍ଷଣଟି ଏବେ ମଧ୍ୟ ଚାଲୁ ରହିଛି । ଚାଷୀମାନେ ଅମଳ ପାଇଲା ପରେ ଏହାର ସଫଳତା ଜଣାପଡ଼ିବ ।

## ରାଶି ଫସଲ କ୍ଲଷ୍ଟରରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ଚଳିତ ବର୍ଷ ରବି ଋତୁରେ ୨୫ ଜଣ ଚାଷୀମାନଙ୍କୁ ଏକତ୍ର ଗୋଟିଏ ଜାଗାରେ ରାଶି ଚାଷ କରିବା ପାଇଁ ବୃହତ୍ କ୍ଷେତ୍ର ପ୍ରଦର୍ଶନୀ କରାଯାଇଛି । ଜଳର ଅଭାବ ଥିବା ସ୍ଥାନମାନଙ୍କରେ କମ୍ ଅବଧି ବିଶିଷ୍ଟ ରାଶି କିସମ ସ୍ମାରକର ବିହନ ଏବଂ ରୋଗପୋକ ଦମନ କରିବା ପାଇଁ କୀଟନାଶକ ଔଷଧ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବଣ୍ଟନ କରାଯାଇ ଏହି କ୍ଷେତ୍ର ପ୍ରଦର୍ଶନ ଆରମ୍ଭ କରାଯାଇଥିଲା । ଏହା ସହିତ ବୈଜ୍ଞାନିକ ପ୍ରଣାଳୀରେ ରାଶି ଚାଷ ସମ୍ବନ୍ଧରେ ତାଲିମ୍ ମଧ୍ୟ ଦିଆଯାଇଥିଲା । କ୍ଷେତ୍ର ଦିବସ ମାଧ୍ୟମରେ ଏହାର ବୈଷୟିକ ଜ୍ଞାନକୌଶଳ ଚାଷୀମାନଙ୍କୁ ବୁଝା ଯାଇଥିଲା । କାଶୀନଗର ବ୍ଲକ୍‌ର ସିରିଡ଼ା ଗ୍ରାମର ୨୫ ଜଣ ଚାଷୀଙ୍କ ୧୦ ହେକ୍ଟର ଜାଗାରେ ଏହି ରାଶି ଚାଷ ଆରମ୍ଭ ହୋଇଥିଲା । ଏହି ପ୍ରଦର୍ଶନୀ କାର୍ଯ୍ୟକ୍ରମଟି ଏବେ ମଧ୍ୟ ଚାଷୀ କ୍ଷେତରେ ଚାଲୁ ରହିଛି । ଚାଷୀମାନେ ଅମଳ ପାଇବା ପରେ ଏହି ରାଶି କିସମର ଅମଳକ୍ଷମ ବିଷୟରେ ଜଣାପଡ଼ିବ ।



NEWS LETTER

# ଅନୁସୂଚିତ ଜନଜାତି ଉତ୍ପାଦନ ଯୋଜନା

ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଚାଷୀମାନେ ନିଜର ଜୀବିକା ନିର୍ବାହ ନିମନ୍ତେ କୃଷି ଓ ଉଦ୍ୟାନ କୃଷି ଉପରେ ମୁଖ୍ୟତଃ ନିର୍ଭର କରିଥାନ୍ତି । ଜିଲ୍ଲାର କୃଷକ ଓ କୃଷିଜୀବୀ ମହିଳାମାନଙ୍କର ଧାନ, ମକା, ମାଣ୍ଡିଆ ଚାଷ ସହିତ ପନିପରିବା, ଫଳ, କୁକୁଡ଼ା, ଛେଳି, ଗୋପାଳନ, ଛତୁ ତଥା ମହୁ ଉତ୍ପାଦନ ଇତ୍ୟାଦିରେ ବିଶେଷ ଆଗ୍ରହ ରହିଛି । କିନ୍ତୁ ଉନ୍ନତ କୃଷି ଜ୍ଞାନକୌଶଳର ଅଭାବ ଯୋଗୁଁ ଆଦିବାସୀ ଚାଷୀ ଭାଇଭଉଣୀମାନେ କୃଷିରୁ ଆଶାନୁରୂପ ଲାଭ ପାଇପାରି ନଥାନ୍ତି । କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରରେ ଉନ୍ନତି ଆଣିବା ସହିତ ଆଦିବାସୀ ଚାଷୀମାନଙ୍କର ଆୟ ବୃଦ୍ଧି କରିବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଅନୁସୂଚିତ ଜନଜାତି ଉପାଦାନ ଯୋଜନା କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ମନୋନୀତ ଗ୍ରାମଗୁଡ଼ିକରେ ତାଲିମ୍ କରାଯାଇ ଉନ୍ନତମାନର ପନିପରିବା ବିହନ, ଛତୁ ବିହନ, ଫଳଚାରା, ଜିଆଖତ ଟାଙ୍କି, କୃଷି ଉପଯୋଗୀ ଯନ୍ତ୍ରପାତି, ମହୁମାଛି ବାକ୍ସ ପ୍ରଦାନ କରାଯାଇଥିଲା ।





















ପ୍ରକାଶକ: କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି, ମୁଖ୍ୟ ସମ୍ପାଦକ : ଡଃ ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)

ସମ୍ପାଦନା ମଣ୍ଡଳୀ: ଡଃ. ସୁଶ୍ରୀ ଚୌଧୁରୀ(ବୈଜ୍ଞାନିକ ଉଦ୍ୟାନ ବିଜ୍ଞାନ), ଡଃ. ସଂଜୀବ କୁମାର ମାଣ୍ଡି (ବିଷୟ ବସ୍ତୁ ବିଶେଷଜ୍ଞ, କ୍ଷେତ୍ର ବିଜ୍ଞାନ), ଶ୍ରୀ ଜୟଶଙ୍କର ପ୍ରଧାନ (ବିଷୟ ବସ୍ତୁ ବିଶେଷଜ୍ଞ, କୃଷି ପାଣିପାଗ), ଶ୍ରୀ ମନୋଜ କୁମାର ସାହୁ (କାର୍ଯ୍ୟକ୍ରମ ସହାୟକ, କମ୍ପ୍ୟୁଟର), ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ: ୨୦୨୪୦୩୦୨୨୨

ଯୋଗାଯୋଗ: କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି-୭୬୧୦୧୬, Email : kvkgajapati.ouat@gmail.com,kvk.gajapati@ouat.ac.in.